ଭାରତୀୟ ଜନତା ପାର୍ଟି
କେନ୍ଦ୍ରୀୟ କାର୍ଯ୍ୟାଳୟ
୧୧ ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧
ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭
ତା.୨୯.୦୯.୨୦୧୩

ବି.ଜେ.ପି ର ରାଷ୍ଟ୍ରୀୟ ପ୍ରବକ୍ତା ଓ ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କର ଡ଼ିଜେଲ ଦର ନେଇ ସରକାରଙ୍କର ଦ୍ୱିପାର୍ଶିକ ନୀତି ନେଇ ଏକ ପ୍ରେସ ବିଜ୍ଞପ୍ତି ।

କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଡ଼ିଜେଲ ଦର ବୃଦ୍ଧି ନେଇ ଯେଉଁ ଦ୍ୱିପାର୍ଶିକ ନୀତି ଅବଲମ୍ବନ କରିଛନ୍ତି, ଭା.ଜ.ପା ତାହାର ତୀବ୍ର ନିନ୍ଦା କରୁଅଛି । ଡ଼ିଜେଲ ଦର କ୍ଷେତ୍ରରେ ସରକାର ଦେଶର ଖାଉଟି ମାନଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରିଅଛି । ପ୍ରଥମତଃ ବହୁଳ ବ୍ୟବହାର କରୁଥିବା ଖାଉଟି ଯାହାକୁ ଲିଟର ପିଛା ୬୨ ଟଙ୍କାରୁ ୬୫ ଟଙ୍କା ଓ ଦ୍ୱିତୀୟତଃ ତୈଳ କମ୍ପାନୀର ଖୁଚୁରା ବିକ୍ରୟ କେନ୍ଦ୍ରରୁ କ୍ରୟ କରୁଥିବା ଖାଉଟି ଯାହାକୁ ଲିଟର ପିଛା ୫୦ ଟଙ୍କାରୁ ୫୪ ଟଙ୍କା ଦେବାକୁ ହେବ ।

ଉକ୍ତ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ପରିବହନ ସଂସ୍ଥାକୁ ୩,୦୦୦ କୋଟି ଟଙ୍କା ଅଧିକ, ରେଳ ବିଭାଗକୁ ମଧ୍ୟ ୩,୦୦୦ ଟଙ୍କା ଅଧିକ, ସର୍ବସାଧାରଣ ବ୍ୟବହାର କରୁଥିବା ଘରୋଇ ସିଟି ବସ ସେବା ତଥା ଅନ୍ୟ ସର୍ବସାଧାରଣଙ୍କ ବ୍ୟବହାର କ୍ଷେତ୍ରରେ ସଂସ୍ଥା ମାନଙ୍କୁ ମଧ୍ୟ ୩,୦୦୦ କୋଟି ଟଙ୍କା ଅଧିକ ଦେବାକୁ ହେବ । ଘରୋଇ ଶିଳ୍ପାଞ୍ଚଳ ଓ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନକୁ ବାର୍ଷିକ ୬,୦୦୦ କୋଟି ଟଙ୍କା ଅଧିକ ଦେବାକୁ ହେବ । ତେଣୁ ସରକାର ଗୋଟିଏ ମାଡ଼ରେ ସମସ୍ତ ବହୁଳ ବ୍ୟବହାର କରୁଥିବା ଖାଉଟି ମାନଙ୍କ ଉପରେ ପ୍ରାୟ ୧୮,୦୦୦ କୋଟି ଟଙ୍କାର ବୋଝ ଲଦି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସମସ୍ତ କ୍ଷେତ୍ରରୁ ପଡୁଥିବା ବୋଝ ସାଧାରଣ ମଣିଷ, ଯେ କି ଦରଦାମର ଚକ୍ରବ୍ୟୁହରେ ପେଶି ହୋଇ ଚାଲିଛି ତାହାରି ଉପରେ ହିଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ ଅଟେ । ସରକାରଙ୍କର ଏହି ଡ଼ିଜେଲ ଦରର ଅନିୟମିତତା ନେଇ ସାଧାରଣ ମଣିଷ ଉପରେ ଯେଉଁ ଚାପ ହୋଇଛି ତାହା ପ୍ରାୟ ୬୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ କହିଲେ ଚଳେ । ଏପରିକି ଦେଶର ମତ୍ସ୍ୟଜୀବୀ ମାନେ ମଧ୍ୟ ବହୁଳ ଭାବରେ ଡ଼ିଜେଲ ବ୍ୟବହାର କରୁଥିବା ଖାଉଟି ମାନଙ୍କ ମଧ୍ୟରେ ଗଣା ଓ ଏହି ନୂତନ ନୀତିରେ ଚାଷୀମାନେ ମଧ୍ୟ ବାଧ୍ୟ ବାଧକତାରେ ବହୁଳ ବ୍ୟବହାର କରୁଥିବା ଖାଉଟି ମାନଙ୍କ ମଧ୍ୟରେ ଗଣା ହେବେ ।

ବି.ଜେ.ପି ସରକାରଙ୍କର ଏହି ଦ୍ୱିପାର୍ଶ୍ୱିକ ନୀତି ଓ ପ୍ରତି ମାସରେ କ୍ରମାନ୍ୱୟରେ ଡ଼ିଜେଲ ଦର ବଢ଼ିବା ନୀତିକୁ ବନ୍ଦ କରିବାକୁ ଦାବି କରେ ।

ତେଲେଙ୍ଗାନା ସମସ୍ୟା

କେନ୍ଦ୍ର ସରକାରଙ୍କର ତେଲେଙ୍ଗାନାକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ମାନ୍ୟତା ଦେବା ନେଇ ଯେଉଁ ଛକା ପଞ୍ଝା ନୀତି ଚାଲିଛି ବି.ଜେ.ପି ତାହାର ମଧ୍ୟ ଘୋର ନିନ୍ଦା କରେ । ଗତ ଡ଼ିସେମ୍ବର ମାସରେ କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ସୁଶୀଲ କୁମାର ସିନ୍ଧେ ସମସ୍ତ ପାର୍ଟିବୈଠକ ପରେ ୨୮.୦୧.୨୦୧୩ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ ଦିଆଯିବାର ପ୍ରତିଶୃତି ଦେଇଥିବା ବେଳେ ବର୍ତ୍ତମାନ ନିଜ କଥାଠାରୁ ଦୂରେଇ ଯାଉଛନ୍ତି । ଯାହାକି ସେଠାକାର ଜନତାଙ୍କ ଉପରେ ଏକ ବିରାଟ ବିଶ୍ୱାସଘାତ । ୨୦୦୯ ମସିହା ଡ଼ିସେମ୍ବର ମାସରେ ତତକାଳୀନ ଗୃହ ମନ୍ତ୍ରୀ ଶ୍ରୀ ପି.ଚିଦାମ୍ବରମ କହିଥିଲେ କି ତେଲେଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟ ରୂପେ ଗଢ଼ିବାର ପଦ୍ଧତି ଆରମ୍ଭ ହୋଇଅଛି । ମାତ୍ର ରାଜନୈତିକ ଚାଲରେ ପଡ଼ି ଉକ୍ତ ପଦ୍ଧତି ସେହି ଗୋଟିଏ ଦିନରେ ହିଁ ଅଟକ ରଖା ଯାଇଥିଲା । ପ୍ରକୃତରେ କହିବାକୁ ଗଲେ ୧୯୮୦ ମସିହାର ଶ୍ରୀ ଚେନ୍ନା ରେଡ଼ୀଙ୍କ ସମୟରୁ ହିଁ କଂଗ୍ରେସ ତେଲେଙ୍ଗାନା ଜନତାଙ୍କ ଉପରେ ବିଶ୍ୱାସ ଘାତକତା କରି ଚାଲିଛି ।

ବି.ଜେ.ପି ତେଲେଙ୍ଗାନାକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ମାନ୍ୟତା ଦେବା ପାଇଁ ଦାବି କରେ ଓ ଆଗାମୀ ବଜେଟ ଅଧିବେଶନର ପ୍ରଥମ ସପ୍ତାହରେ ଏଥିପାଇଁ ଆବଶ୍ୟକୀୟ ବିଲ ପାଶ କରିବାକୁ ଦାବି କରେ । ଏନ.ଡ଼ି.ଏ ମଧ୍ୟ ଏଥିପାଇଁ ନିଜର ସମର୍ଥନ ଜଣାଇବ । ଏପରି ନକଲେ କଂଗ୍ରେସକୁ ଏକ ମସ୍ତବଡ଼ ରାଜନୈତିକ ପାଉଣା ଦେବାକୁ ହେବ ।

ଓ.ପି.କୋହଲି , ମୁଖ୍ୟାଳୟ ପ୍ରମୁଖ